# ତହସିଲ କାର୍ଯ୍ୟାଳୟ , ହାଟଡିହୀ, ଜିଲ୍ଲା – କେନ୍ଦୁଝର

## ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ ନିଲାମ ନିମନ୍ତେ ବିଜ୍ଞାପନ

Email Id – hatadihitahasil@gmail.com

ପତ୍ର ସଂଖ୍ୟା . ୪-୬୪୦                                                                 ତାରିଖ - ୨୫-୦୮-୨୦

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ କେନ୍ଦୁଝର ଜିଲ୍ଲା ହାଟଡିହୀ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ସମ୍ପଦ ଖାଦାନ ଗୁଡିକ ଆଗାମି ୫ (ପାଂଚ) ବର୍ଷ (୨୦୨୦-୨୦୨୧ବର୍ଷ ଠାରୁ ୨୦୨୪-୨୫ ) ନିମନ୍ତେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ ୨୦୧୬-୨୦୧୭ ଅନୁଯାୟୀ ଦୀର୍ଘ ମିଆଦି ଲିଜ୍ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule – 2016 ର Form "M' ର ପୁରଣ କରି ଏହାର ୩ କପି ସହ ଆବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି sealed cover ରେ ତହସିଲଦାର , ହାଟଡିହୀଙ୍କ କାର୍ଯ୍ୟାଳୟରେ ଥିବା DROP BOX ରେ ବିଜ୍ଞାପନ ପ୍ରକାଶ ଦିନ ଠାରୁ ତା ୧୧-୦୯-୨୦୨୦ ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ (ଛୁଟି ଦିନ ବ୍ୟତିତ) ଯାହାକି ନିମ୍ନ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧି ଉପସ୍ଥିତିରେ ତନଖି କରାଯିବ ଓ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ଯେଉଁ ସୈରାତ ଉତ୍ସଗୁଡିକ ପାଇଁ ପ୍ରଥମ ତାରିଖରେ କୌଣସି ଦରଖାସ୍ତ ମିଳିନଥିବ ସେହି ଉତ୍ସ ପାଇଁ ପରବର୍ତୀ ନିଲାମ ତାରିଖର ପୂର୍ବ ଦିବସ ଅପରାହ୍ଣ ୫.୩୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯିବ ଓ ଧାର୍ଯ୍ୟ ସମୟରେ ପୂର୍ବପରି ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧି ଉପସ୍ଥିତିରେ ତନଖି କରାଯିବ । ଧାର୍ଯ୍ୟ ତାରିଖ ଅତିବାହିତ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । କୌଣସି କାରଣ ନଦର୍ଶାଇ ଉକ୍ତ ନିଲାମକୁ ସଂଶୋଧନ, ଖାରଜ କିମ୍ବା ସ୍ଥଗିତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧୀକାରୀ ଓ ଜିଲ୍ଲାପାଳଙ୍କ ର ରହିଅଛି । ଉତ୍ସଗୁଡିକର ବିବରଣୀ ଦରଖାସ୍ତ କରିବାର ନିୟମାବଳୀ ଓ ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତାବଳୀ କେନ୍ଦୁଝର ଜିଲ୍ଲା Web site- www.kendujhar.nic.in ରେ ଏବଂ ଜିଲ୍ଲାପାଳ, କେନ୍ଦୁଝର ଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ / ଉପ-ଜିଲ୍ଲାପାଳ, ଆନନ୍ଦପୁର ଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ହାଟଡିହୀ, ଆନନ୍ଦପୁର ଓ ଘଷିପୁରା ଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ /ନିର୍ବାହୀ ଯନ୍ତ୍ରୀ, ବୈତରଣୀ ଡିଭିଜନ ଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ / ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ ଡିଭିଜନ ଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ / ତହସିଲଦାର, ଆନନ୍ଦପୁର ଓ ଘଷିପୁରା ଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ସମସ୍ତ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ ରେ ଉପଲବ୍ଧ ହେବ ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧୀକାରୀଙ୍କର ଅଛି ।

## ଦୀର୍ଘ ମିଆଦି ଲିଜ ନିମନ୍ତେ ନିଲାମ ପର୍ଯ୍ୟାୟ

| | |
|---|---|
| ନିଲାମ ସ୍ଥାନ- | ହାଟଡିହୀ ତହସିଲ କାର୍ଯ୍ୟାଳୟ |
| ନିଲାମ ତାରିଖ ଓ ସମୟ- | ୧ମ ପର୍ଯ୍ୟାୟ- ୧୪.୦୯.୨୦୨୦ ପୂର୍ବାହ୍ନ ୧୦.୩୦ ଘଟିକା |
| | ୨ୟ ପର୍ଯ୍ୟାୟ- ୧୮.୦୯.୨୦୨୦ ପୂର୍ବାହ୍ନ ୧୦.୩୦ ଘଟିକା |
| | ୩ୟ ପର୍ଯ୍ୟାୟ- ୨୪.୦୯.୨୦୨୦ ପୂର୍ବାହ୍ନ ୧୦.୩୦ ଘଟିକା |

25.08.2020

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ହାଟଡିହୀ
Tahasildar
HATADIHI



Scanned with CamScanner

**ଦରଖାସ୍ତ ସହିତ ଆବଶ୍ୟକୀୟ ଦସ୍ତାବିଜ-**

୧. ଆଖାୟୀ ନିଲାମଦାର ଦରଖାସ୍ତ ପାଉଣା ବାବଦକୁ ଟ. ୧୦୦୦.୦୦ ଙ୍କା (ଏକ ହଜାର) ମାତ୍ର (ଅଣଫେରସ୍ତ) ର ଟ୍ରେଜେରି ଚାଲାଣ (Head of Account- 0853-Non-Ferrous Mining and Metallurgical Industries-102-Mineral Concession fees, Rents and Royalties) ଦରଖାସ୍ତ ସହ ସଂଲଗ୍ନ କରିବେ ।

୨. ଆବେଦନ କରିଥିବା ସୈରାତ ଉପର ତପସିଲ ସହ ଚୌହଦୀର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା (ସଂପୃକ୍ତ ସୈରାତ ଉସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ଵାରା ପ୍ରସ୍ତୁତ ନକ୍ସା ସହ ମେଳ କରି) ଦରଖାସ୍ତ ସହ ସଂଲଗ୍ନ କରିବେ ।

୩. ଆବେଦନକାରୀ ରୟାଲଟି ଓ ଅତିରିକ୍ତ ଦେୟ ବାବଦକୁ ଶତକଡା ୫% ହାରରେ ବାର୍ଷିକ ଆକଳନ କରାଯାଇଥିବା ଲଘୁଖଣିଜ ସଂପଦର ପରିମାଣ ଉପରେ ଦେୟର ଅମାନତ ରାଶିର ପ୍ରମାଣ ସ୍ଵରୂପ Demand Draft ଦରଖାସ୍ତ ସହ ସଂଲଗ୍ନ କରିବେ ।

୪. ୧୮ ମାସ ଅବଧି ଥିବା ବ୍ୟାଙ୍କ ଗ୍ୟାରେଂଟି ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ଆକଳନ ଏବଂ ନିଲାମ ଡାକିଥିବା ଦେୟ ର ଗୁଣନ ତଥା ଏକବର୍ଷର ରୟାଲଟି ଓ ଅତିରିକ୍ତ ଦେୟ ଠାରୁ କମ ହେଲେ ଗ୍ରହଣୀୟ ନୁହେଁ । (MGQ x Offered Addl. Charges and Royalty)

୫. ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ର ବିବରଣୀ ତଥା ବୈଷୟିକ ଜ୍ଞାନ ଦକ୍ଷତା, ଉପଲବ୍ଧ ଯନ୍ତ୍ରପାତି, ସ୍ଥାବର ସଂପତି ଓ ଆର୍ଥିକ ବ୍ୟବସ୍ଥା ବାବଦରେ ତଥ୍ୟ ।

୬. ସୈରାତ ଉସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୭. ଗତବର୍ଷର ଆୟକର ଦାଖଲ ବିବରଣୀର ନକଲ/ GST Clearance certificate ର ନକଲ ।

**ବିଶେଷ ସର୍ତାବଳୀ-**

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତୀ ନିୟମାବଳୀ ୨୦୧୬, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତୀ (ସଂଶୋଧନ) ନିୟମାବଳୀ ୨୦୧୭ ଓ Manual of Tahasil Account ର ପରିସରଭୂକ୍ତ ରହବ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ସୈରାତ ଉପର ଅତିରିକ୍ତ ଧାର୍ଯ୍ୟ କରାଯାଇଅଛି । ଏହି ।ତିରିକ୍ତ ଦେୟ ନିଲାମଧାରୀ ଉସଟିକୁ କେତେରେ ନେବାକୁ ଚାହୁଁଛନ୍ତି ଦରଖାସ୍ତରେ ଉଲ୍ଲେଖ କରିବେ । ସର୍ବୋଚ୍ଚ ଅତିରିକ୍ତ ଦେୟ ଦର୍ଶାଇଥିବା ନିଲାମଧାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

ଯଦି ଏକରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ଅତିରିକ୍ତ ଦେୟ ଦର୍ଶାଇଥିବେ, ତେବେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନ କରାଯିବ ।

୩. ଯଦି କରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ଦେୟ ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି, ତେବେ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ

୪. ଚୟନ ହୋଇଥିବା ଲିଜଧାରୀଙ୍କୁ ଚୟନ ହେବାର ୭ ଦିନ ମଧ୍ୟରେ ଫର୍ମ- ର ରେ ସୂଚନା ଦିଆଯିବ ଏବଂ ସେ ଏହାର ୧୫ ଦିନ ମଧ୍ୟରେ ସେହି ଉସଟି ପାଇଁ ସ୍ଥିରୀକୃତ Security Money Deposit କରିବେ ।

୫. ଯଦି ସର୍ବୋଚ୍ଚ ନିଲାମଧାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ Security Money Deposit ନକଲେ, ତେବେ ଦ୍ଵିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୬. ଦରଖାସ୍ତକାରୀ ଲଫାପାର ଉପରିଭାଗରେ ବଡ ଅକ୍ଷରରେ କେଉଁ ସୈରାତ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରିଙ୍କର ନାମ, ଠିକଣା ଓ ଫୋନ ନମ୍ବର ସ୍ଵଷ୍ଟଭାବେ ଉଲ୍ଲେଖ କରିବେ, ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୭. ଯଦି ଦ୍ଵିତିୟ ସର୍ବୋଚ୍ଚ ନିଲାମଧାରି ସ୍ଥିରିକୃତ ସମୟ ସିମା ମଧରେ ଲିଜ ନିମନ୍ତେ ନିଜର ସମ୍ମତି ପ୍ରଦାନ ନ କରନ୍ତି ତେବେ କ୍ଷମତା ପ୍ରାପ୍ତ ଅଧିକାରି ପରବର୍ତି ଉପରିସ୍ଥ ଅଧିକାରି ଙ୍କ ଅନୁମୋଦନ କ୍ରମେ ଉକ୍ତ ଉସ୍ ନିମନ୍ତେ Fresh Auction କରାଇପାରନ୍ତି ।

୮. ଲିଜ୍‌ଧାରି ଚୟନ ର ସମସ୍ତ ପ୍ରକ୍ରିୟା ଶେଷହେବା ପରେ ଅନ୍ୟ ଆବେଦନକାରିଙ୍କ ଅମାନତ ରାଶି ର Demand Draft ଓ Bank Guarantee ଯଦି କିଛି ଥାଏ ତାହା ଫେରସ୍ତ କରାଯିବ ।

୯. ଯଦି ଏହି ସୈରାତ ଉସ୍‌ର Mining Plan ଅନୁମୋଦନ ଓ ପରିବେଶ ଓ ମଞ୍ଜୁରି କ୍ଷମତାପର୍ଣ୍ଣ ଅଧିକାରି ଦ୍ଵାରା ସମ୍ପୂର୍ଣ୍ଣ କରାଯାଇଥାଏ ତେବେ ଉକ୍ତ ଖର୍ଚ ରାଶି ଲିଜ୍ ଧାରି ଚୁକ୍ତି ପତ୍ର (Lease Deed) ସମ୍ପାଦନ ପୂର୍ବରୁ ଅଫିସ୍ ରେ ଦାଖଲ କରିବେ(ଅଣଫେରସ୍ତ) । ଯଦି ଏହି କାର୍ଯ୍ୟ ପୂର୍ବରୁ କରାଯାଇ ନ ଥାଏ ତେବେ ଲିଜ୍ ଧାରି ନିଜ ଖର୍ଚରେ ଅନୁମୋଦିତ Mining Plan, ପରିବେଶ ମଞ୍ଜୁରି ଏବଂ ଓଡିଶା ସରକାର ଙ୍କ Pollution Control Board ରୁ CTE ଓ CTO ଆଣି ଦାଖଲ କରିବେ ।



Scanned with CamScanner

ସେହି ଆର୍ଥିକ ବର୍ଷ ପାଇଁ ବାକିଥିବା ଅତିରିକ୍ତ ଦେୟ ଅନୁମୋଦିତ Mining Plan ଧାର୍ଯ୍ୟ ଗଛିତ ଖଣିଜ ଦ୍ରବ୍ୟର ରୟାଲଟି District Mineral Foundation E.M.F, IT ର ଦେୟ ପଇଠ ନେଲାପରେ ରେଜିଷ୍ଟ୍ରେସନ Act 1908 ଓ ଷ୍ଟାମ୍ପ Act 1899 ଅନୁଯାୟୀ ଚୁକ୍ତିପତ୍ର (Lease Deed) ସମ୍ପାଦନ କରିବାପରେ ଉତ୍ସ ପରିଚାଳନା କରିବାକୁ ଯୋଗ୍ୟ ବିବେଚିତ ହେବେ ।

୧୦. ଯଦି ନିଲାମଧାରି ନିର୍ଦ୍ଧାରିତ ସମୟରେ ଅଧିକୃତ ଅଧିକାରିଙ୍କ ଦ୍ୱାରା ଅନୁମୋଦିତ Mining Plan (in from "ZB") ଓ ପରିବେଶ ମଞ୍ଜୁରି ସମ୍ବନ୍ଧୀୟ କାଗଜ ପତ୍ର ଦାଖଲ ନ କରନ୍ତି ତେବେ ଆଇନ ଅନୁଯାୟୀ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ।

୧୧. ନିଲାମଧାରି OMMC Rule – 2016,2017 ଓ 2018 ର ସମସ୍ତ ସର୍ତାବଳି ମାନିବା ନିମନ୍ତେ ବାଧହେବେ । ସର୍ବୋଚ ନିଲାମ ଧାରିଙ୍କ ଦ୍ୱାରା ମୁଲ୍ୟାଙ୍କ ହୋଇଥିବା ରୟାଲଟି ରେ ଯଦି ଚୁକ୍ତିପତ୍ର ସମ୍ପାଦନା ଅବଧି ଭିତରେ କୌଣସି ବୃଦ୍ଧି ଘଟିଥିଲେ ତେବେ ଏହା ତାଙ୍କ ପାଇଁ ଲାଗୁ ହେବ ।

୧୨. ନିଲାମଧାରି ଜମା ଦେୟର ୨% ଆୟକର (TDS ) ବାବଦ କୁ ଚାଲାଣ ଆକାରରେ ଜମା କରିବେ ଏବଂ ରୟାଲଟି ର ୧୦% ଜିଲ୍ଲା ଖଣିଜ ପାଣ୍ଠି ଓ ଶତକଡା ୫% ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି କୁ ଦେୟ ରୁପେ ପଇଠ କରିବାକୁ ପଡିବ ।

୧୩. ଲିଜଧାରୀ ଲିଜ ଅବଧି ମଧ୍ୟରେ ପରବର୍ତି ବର୍ଷ ଗୁଡିକ ପାଇଁ ବାର୍ଷିକ ସମସ୍ତ ଦେୟ ବର୍ଷ ଆରମ୍ଭରୁ ପଇଠ କରିବେ ।

୧୪.ଲିଜ ଚୁକ୍ତିନାମା ସଂପାଦନ ପରେ ଧାର୍ଯ୍ୟ ଅବଧି ଶେଷ ମଧ୍ୟରେ ଯଦି ଓଡିଶା ସରକାରଙ୍କ ଦ୍ୱାରା ସ୍ଥିରିକୃତ ଅନୁସୂଚୀ-୨ (Schedule-II) ଉଲ୍ଲିଖିତ ଲଘୁ ଖଣିଜ ଦ୍ରବ୍ୟର ଦର ବୃଦ୍ଧି ଘଟେ ତାହେଲେ ଲିଜଧାରୀ ଦରବୃଦ୍ଧି ଅନୁଯାୟୀ ରୟାଲଟି ଦରବୃଦ୍ଧି ତାରିଖ ଠାରୁ ପଇଠ କରିବେ ।

୧୫. ଲିଜ ରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ଉତ୍ସଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବୁଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ ଓ ଏଥିନିମନ୍ତେ ଏକ ସଘୋଷିତ ଲିଖିତନାମା ଦାଖଲ କରିବେ । ଲିଜ ନେବା ପରେ ଉତ୍ସ ର ପରିଚାଳନା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ନୁହେଁ । ଲଘୁ ଖଣିଜ ଦ୍ରବ୍ୟ ଉତ୍ସର ପରିଚାଳନା ରେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷୟକ୍ଷତି ନିମନ୍ତେ କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୬. ଲିଜ ପ୍ରଦାନ ପରେ ସୈରାତ ଉତ୍ସ ର କ୍ଷେତ୍ର ପରିବର୍ତନ କରାଯାଇପାରିବ ନାହିଁ ।

୧୭. ସର୍ବୋଚ୍ଚ ଦରରେ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଲିଜ ଧାରୀ ଯଦି ସମସ୍ତ ଦେୟ ଟଙ୍କା ଜମା କରିବା ପରେ ବା ଲିଜ ଚୁକ୍ତିନାମା ସଂପାଦନା କରିବା ପରେ ମୃତ୍ୟୁବରଣ କରନ୍ତି ତେବେ ଉକ୍ତ ସମା ଚୁକ୍ତିନାମା ତାଙ୍କର ଉତରାଧୀକାରି କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ସଂପାଦିତ ହୋଇଛି ବୋଲି ଧରି ନିଆଯିବ ।

୧୮. ଲିଜଧାରୀ ନିଜ ଦାୟୀତ୍ୱରେ ପରିବାଶ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବେ ।

୧୯. ବାଲି ନିଲାମଧାରୀ ନଦୀଶଯ୍ୟାର ୩ ମିଟର ଗଭୀରତା ଓ ଜଳସ୍ତର ମଧ୍ୟରୁ ଯେଉଁଟି କମ ସେହି ଗଭୀରତାରୁ ଅଧିକ କିମ୍ବା ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ନିର୍ଦ୍ଧରିତ ସର୍ତ ବ୍ୟତିକ୍ରମ କରି ବାଲି ଖନନ କରିପାରିବେ ନାହିଁ ।

୨୦. ଏତଦବ୍ୟତୀତ ଅତିରିକ୍ତ ମୂଲ୍ୟ ବାବଦକୁ କୌଣସି ନିର୍ଦ୍ଦେଶନାମ ଯଦି ଉଚ୍ଚ କର୍ତୃପକ୍ଷଙ୍କ ଠାରୁ ହସ୍ତଗତ ହୁଏ ତଏବଏ ଲିଜଧାରୀ ତାହା ମାନିବାକୁ ବାଧ୍ୟ ହେବେ ।

୨୧. ସମ୍ବାଦପତ୍ରରେ ବିଜ୍ଞପ୍ତି ପ୍ରକାଶନର ସମସ୍ତ ଖର୍ଚ୍ଚ ସର୍ବୋଚ୍ଚ ନିଲାମଧାରୀ ବହନ କରିବେ । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା ଅଧୀକାରିଙ୍କର ଅଛି ।



Scanned with CamScanner

## ସୈରାତ ଉତ୍ସ ଗୁଡିକର ବିବରଣୀ

| କ୍ରମିକ ସଂଖ୍ୟା | କେଶ୍ ନଂ | ଉପଖଣିଜ ଜାତ ଉତ୍ସ ନାମ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | ସର୍ବନିମ୍ନ ବାର୍ଷିକ ଗଚ୍ଛିତ ଥିବା ଖଣିଜ ପଦାର୍ଥର ପରିମାଣ (ଆନୁମାନିକ) | ରୟାଲଟିର ମୂଲ୍ୟ (ଘ.ମି.) | ଅତିରିକ୍ତ ଦେୟ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧ | ୦୧/୨୦-୨୧ | ବୈତରଣୀ ବାଲିଶଯ୍ୟା, ଅମୃତପୁର | ଅମୃତପୁର | ୧୬୨ | ୯୩୮/୯୮୯ | ୧୫.୦୦ | ୧୨୮୪୩ | ଟ.୩୫.୦୦ | ଟ.୧.୭୫ |
| ୨ | ୦୨/୨୦-୨୧ | ବୈତରଣୀ ବାଲିଶଯ୍ୟା, ଗୋବିନ୍ଦପୁର | ଗୋବିନ୍ଦପୁର | ୧୫୬ | ୪୯୪/୧ | ୧୩.୦୦ | ୧୦୯୬୧ | ଟ.୩୫.୦୦ | ଟ.୧.୭୫ |
| ୩ | ୦୩/୨୦-୨୧ | ବୈତରଣୀ ବାଲିଶଯ୍ୟା, ଜମ୍ବରା | ଜମ୍ବରା | ୨୩୭ | ୧୬୮୯/୨୦୮୨ | ୨୧.୩୦ | ୭୩୬୧ | ଟ.୩୫.୦୦ | ଟ.୧.୭୫ |

25.08.2020

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ହାଟଡିହୀ

Tahasildar HATADIHI

ପରିପତ୍ର ସଂଖ୍ୟା ୫୬୪୧ ତାରିଖ ୨୫-୦୮-୨୦

ଉକ୍ତ ନୋଟିସ୍ ର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ, କେନ୍ଦୁଝର / ଉପ-ଜିଲ୍ଲାପାଳ, ଆନନ୍ଦପୁର/ D.I.O, NIC, Keonjhar ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

25.08.2020

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ହାଟଡିହୀ

Tahasildar HATADIHI

ପରିପତ୍ର ସଂଖ୍ୟା ତାରିଖ

ଉକ୍ତ ନୋଟିସ୍ ର ଏକକିତା ନକଲ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ହାଟଡିହୀ, ଆନନ୍ଦପୁର ଓ ଘଶିପୁରା /ନିର୍ବାହୀ ଯନ୍ତ୍ରୀ, ବୈତରଣୀ ଡିଭିଜନ, ଆନନ୍ଦପୁର/ ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ ଡିଭିଜନ/ ତହସିଲଦାର, ଆନନ୍ଦପୁର ଓ ଘଶିପୁରା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା -

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ହାଟଡିହୀ

ପରିପତ୍ର ସଂଖ୍ୟା ତାରିଖ

ଉକ୍ତ ନୋଟିସ୍ ର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକ/ ସଂପୃକ୍ତ ଗ୍ରାମପଂଚାୟତର ସରପଂଚ ଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଆଗ୍ରହୀ ବ୍ୟକ୍ତିବିଶେଷ/ଅନୁଷ୍ଠାନ ଯେପରି ନିର୍ଦ୍ଧାରିତ ସମୟରେ ନିଲାମରେ ଭାଗନେବେ ସେଥି ପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଗଲା ।

ଅତ୍ର ତହସିଲ ନୋଟିସ୍ ବୋର୍ଡକୁ ଉକ୍ତ ନୋଟିସର ଏକକିତା ନକଲ ସର୍ବସାଧାରଣଙ୍କ ।ବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା -

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ହାଟଡିହୀ



Scanned with CamScanner